## ସଂକ୍ଷେପରେ

### ରକ୍ତଦାନ ଶିବିର ପ୍ରସ୍ତୁତି

ତାଳଚେର,୨୪।୩(ନି.ପ୍ର.): ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ଗତରେଇ ୟୁଥ୍ କ୍ଲବ୍, ତାଳଚେର ଆଇଡ୍ରିମ କଲେଜ୍ ଓ ଜେସିଆଇ ମିଳିତ ଆନୁକୂଲ୍ୟରେ ଆସନ୍ତା ୨୬ ତାରିଖରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଗତରେଇ ଉ.ପ୍ରା. ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହେବ। ଏ ନେଇ କ୍ଲବ ପରିସରରେ ଗୁରୁବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଇଡ୍ରିମ କଲେଜ ନିର୍ଦ୍ଦେଶକ ଦୀପ୍ତି ରଞ୍ଜନ ବିଶ୍ୱାଳ, ଜେସିଆଇ ତାଳଚେର ସଭାପତି ମନୀଷ ଅଗ୍ରୱାଲ ଏବଂ ଗତରେଇ ୟୁଥ୍ କ୍ଲବ ସଭାପତି ଲିଟୁ ବାରିକ୍ ଉପସ୍ଥିତ ଥିଲେ। ଶିବିରରେ ଯୁବବର୍ଗଙ୍କୁ ସାମିଲ କରିବା ସହ ନୂତନ ରକ୍ତଦାତା ସୃଷ୍ଟି କରିବା ଉପରେ ଦୀପ୍ତି ରଞ୍ଜନ ବଶ୍ୱାଳ ଗୁରୁତ୍ୱ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କ୍ଲବ କୋଷାଧ୍ୟକ୍ଷ ଦିୱାନା ବେହେରା, ଶତ୍ରୁଘ୍ନ ବିଶ୍ୱାଳ, ପ୍ରତାପ ସାହୁ, ଦ୍ରୋଣ ବାରିକ, ଶିପୁନ ସାହୁ, ବବୁଲ ପ୍ରଧାନ, ସଞ୍ଜୟ ସାହୁ, ରିଣ୍ଟୁ ବାରିକ, ଲିପୁନ ବେହେରା, କୁମର ସାହୁ, ଦ୍ରୋଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### ଚୈତନ୍ୟ ମହାପ୍ରଭୁଙ୍କ ଜୟନ୍ତୀ



ବଅଁରପାଳ,୨୪।୩(ଡି.ଏନ.ଏ.): ଅନୁଗୋଳ ଜିଲା ନାଲ୍କୋନଗରସ୍ଥିତ ଶ୍ୟାମା ଶ୍ୟାମ ସତ୍‌ସଙ୍ଘ ଆନୁକୂଲ୍ୟରେ ଶ୍ରୀ ଚୈତନ୍ୟ ମହାପ୍ରଭୁଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ନାମ ସଂକୀର୍ତ୍ତନ ସହ ପ୍ରସାଦସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସତସଙ୍ଘର ସଦସ୍ୟା ସଦସ୍ୟମାନେ ଏହାକୁ ପରିଚାଳନା କରିଥିଲେ।

### ସମସ୍ତ ପାସେଞ୍ଜର ଟ୍ରେନ୍ ଚଳାଚଳ ଦାବି



ତାଳଚେର,୨୪।୩(ନି.ପ୍ର.): ଅଲ୍ ଇଣ୍ଡିଆ ଡେମୋକ୍ରାଟିକ୍ ୟୁଥ୍ ଅର୍ଗାନାଇଜେଶନ (ଏଆଇଡିୱାଇଓ) ତାଳଚେର ଲୋକାଲ କମିଟି ପକ୍ଷରୁ ରେଳମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ଏଆର୍‌ଏମ୍‌ଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ଦର୍ଶାଯାଇଛି, କୋଭିଡ୍ ଯୋଗୁ ଦୀର୍ଘ ୨ ବର୍ଷ ହେଲା ଚଳାଚଳ ବନ୍ଦ ହୋଇଯାଇଥିବା ତାଳଚେର-ପୁରୀ ମେମୁ ଓ ସମ୍ବଲପୁର-ପୁରୀ ଇଣ୍ଟରସିଟି ଟ୍ରେନ ସମେତ ସମସ୍ତ ଯାତ୍ରୀବାହୀ ଟ୍ରେନ୍ ଚଳାଚଳ କରାଇବା, କୋଭିଡ୍ ସ୍ପେଶାଲ ନାମରେ ଆଦାୟ କରାଯାଉଥିବା ପ୍ରାୟ ଦୁଇଗୁଣା ଭଡ଼ା ବନ୍ଦ କରାଯାଉ। ଏହି ଦାବିପତ୍ର ପ୍ରଦାନ ବେଳେ ସଙ୍ଗଠନର ଜିଲା ସମ୍ପାଦକ କୈଳାଶ ଚନ୍ଦ୍ର ସାହୁ, ଉପସଭାପତି କିଶୋରଚନ୍ଦ୍ର ବିଶ୍ୱାଳ, ତାଳଚେର ୟୁନିଟ୍ ସମ୍ପାଦକ କୃଷ୍ଣଚନ୍ଦ୍ର ବେହେରା ଓ ଜିଲା ସଙ୍ଗଠକ ଉଲ୍ଲାସ ମୁଦୁଲି ଉପସ୍ଥିତ ଥିଲେ।

### ୨ ବାଇକ୍ ଜବତ

ବଇଣ୍ଡା,୨୪।୩(ଡି.ଏନ.ଏ.): କଟକ-ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥର କିଶୋରନଗର ବ୍ଲକ ହଣ୍ଡପା ଥାନା ଲୁହାମୁଣ୍ଡାଠାରେ ପୋଲିସ ପକ୍ଷରୁ ଗାଡିମୋଟର ଯାଞ୍ଚ କରାଯାଇଥିଲା। ଉଭୟ ପାର୍ଶ୍ୱରୁ ଆସୁଥିବା ଗାଡିଗୁଡିକୁ ଅଟକାଇ କାଗଜପତ୍ର, ଲାଇସେନ୍ସ, ହେଲମେଟ ଆଦି ଯାଞ୍ଚ କରାଯାଇ ୬ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ବିନା ଲାଇସେନ୍ସରେ ଗାଡି ଚଲାଉଥିବା ବେଳେ ୨ଟି ବାଇକ୍ (ନଂ. ଓଡି୧୯-ଡି ୨୭୪୬ ଓ ଓଡି୧୯- ଟି ୯୪୧୬)କୁ ପୋଲିସ ଜବତ କରିଛି।

# ୮୩ ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମ୍‌ରେ ସିଲ୍



ଅନୁଗୋଳ ଟାଉନ ହାଇସ୍କୁଲ ବୁଥ୍‌ରେ ଭୋଟ ଦେବାକୁ ଭୋଟରଙ୍କ ଧାଡ଼ି।

ଅନୁଗୋଳ ଅଫିସ,୨୪।୩

ଅନୁଗୋଳରେ ପୌର ନିର୍ବାଚନ ଗୁରୁବାର ଶେଷ ହୋଇଛି। କେତେକ ବୁଥ୍‌ରେ ସାମାନ୍ୟ ଅସନ୍ତୋଷକୁ ବାଦ୍ ଦେଲେ ଅନ୍ୟ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇନାହିଁ। ପୌରାଧ୍ୟକ୍ଷ ଓ ୨୩ କାଉନସିଲର ପଦବୀ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ମୋଟ୍ ୮୩ ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମ୍‌ରେ ସିଲ୍ ହୋଇଯାଇଛି। ସକାଳ ୮ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଭୋଟ ନିଆଯାଇଥିବା ବେଳେ ମତଦାନ ହାର ୬୪.୩୨ ପ୍ରତିଶତ ରହିଥିବା ସୂଚନା ମିଳିଛି।

### ଅନୁଗୋଳରେ ୬୪.୩୨ ପ୍ରତିଶତ ମତଦାନ

ଅନୁଗୋଳ ପୌରପାଳିକାରେ ରହିଛି ୨୩ଟି ୱାର୍ଡ। ଏଠାକାର ୩୪ ହଜାର ୨୯୩ ଭୋଟରଙ୍କ ପାଇଁ ୪୦ଟି ବୁଥ୍ ବ୍ୟବସ୍ଥା କରାଯାଇଥିଲା। ସେଥିମଧ୍ୟରୁ ୩ଟି ପିଙ୍କ୍ ଓ ୩ ମଡେଲ୍ ବୁଥ୍ ରହିଥିଲା। ଏହି ପିଙ୍କ୍ ଓ ମଡେଲ୍ ବୁଥ୍‌ରେ ମତଦାନ ପାଇଁ ଯୁବ ଭୋଟରଙ୍କ ମଧ୍ୟରେ ବେଶ୍ ଉତ୍ସାହ ଥିବା ଦେଖାଯାଇଥିଲା। ସକାଳୁ ଭୋଟରମାନେ ଲମ୍ବା ଧାଡ଼ି ଲଗାଇଥିଲେ। ୧୯ନଂ. ୱାର୍ଡରେ ହୋଇଥିବା ବୁଥ୍‌ରେ ଜଣେ ଭୋଟରଙ୍କ ନାମରେ ଅନ୍ୟ କେହି ଭୋଟ ଦେଇଥିବାରୁ ଏହାକୁ ନେଇ ସାମାନ୍ୟ ଉତ୍ତେଜନା ଦେଖାଦେଇଥିଲା। ସେହିପରି ହୁଲୁରିସିଂହା ବୁଥ୍‌ରେ ମଧ୍ୟ ଅସନ୍ତୋଷ ସୃଷ୍ଟି ହୋଇଥିଲା। ସୁରକ୍ଷା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ଆବଶ୍ୟକ ବ୍ୟବସ୍ଥା କରାଯାଇଥିଲା। ଚଳିତ ନିର୍ବାଚନରେ ଅଧ୍ୟକ୍ଷ ପଦବୀ ପାଇଁ ୮ଜଣ ପ୍ରାର୍ଥୀ ଥିବାବେଳେ ୨୩ କାଉନସିଲର ପଦବୀ ପାଇଁ ୭୫ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଆସନ୍ତା ୨୬ ତାରିଖରେ ଭୋଟ ଗଣତି କରାଯାଇ ଫଳ ପ୍ରକାଶ କରାଯିବ।

# ଶୃଙ୍ଖଳାରେ ସରିଲା ପୌର ଭୋଟ



ତାଳଚେର ପୌରାଞ୍ଚଳର ଏକ ବୁଥ୍‌ରେ ମହିଳା ଭୋଟରମାନେ ଅପେକ୍ଷା କରିଛନ୍ତି।

ତାଳଚେର,୨୪।୩(ନି.ପ୍ର.)

ତାଳଚେର ପୌର ପରିଷଦର ୨୧ଟି ୱାର୍ଡ ନିମନ୍ତେ ନିର୍ବାଚନ ଶାନ୍ତିଶୃଙ୍ଖଳାର ସହିତ ସମ୍ପନ୍ନ ହୋଇଯାଇଛି। ମୋଟ୍ ୩୨ଟି ବୁଥ୍ କରାଯାଇଥିବାବେଳେ ମହିଳା ଭୋଟରଙ୍କ ନିମନ୍ତେ ୪ଟି ପିଙ୍କ୍ ବୁଥ୍ ହୋଇଥିଲା। ୧୨ଟି ସମ୍ବେଦନଶୀଳ ବୁଥ୍ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା। ପୌରାଞ୍ଚଳର ମୋଟ୍ ୨୮ ହଜାର ୪୮୧ ଭୋଟରଙ୍କ ମଧ୍ୟରୁ ୨୦ ହଜାର ୯୮୩ ଜଣ ମତଦାନ କରିଥିଲେ। ସେଥିରୁ ୧୦ ହଜାର ୯୮୬ ଜଣ ପୁରୁଷ ଓ ୧୦ ହଜାର ୧୭ ମହିଳା ମତଦାନ ସାବ୍ୟସ୍ତ କରିଥିଲେ। ମୋଟ ୭୩.୬୭% ପ୍ରତିଶତ ମତଦାନ ହୋଇଥିବା ନିର୍ବାଚନ ଅଧିକାରୀ ତଥା ତାଳଚେର ଉପଜିଲାପାଳ ବିଶ୍ୱରଞ୍ଜନ ରଥ ସୂଚନା ଦେଇଛନ୍ତି।

ପୌର ନିର୍ବାଚନକୁ ଠିକ୍ ଭାବେ ପରିଚାଳନା କରିବା ପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ବନ୍ଦୋବସ୍ତ କରାଯାଇଥିଲା। ସକାଳ ୮ଟାରୁ ବୁଥ୍‌ଗୁଡ଼ିକରେ ଭିଡ଼ ବଢ଼ିବା ଦେଖାଯାଇଥିଲା। ଅପରାହ୍ନ ୫ଟା ପର୍ଯ୍ୟନ୍ତ ସମୟସୀମା ଧାର୍ଯ୍ୟ ହୋଇଥିଲେ ମଧ୍ୟ କେତେକ ବୁଥ୍‌ରେ ଭୋଟର ଅପେକ୍ଷାରେ ରହିଥିବାରୁ ଭୋଟ ଚାଲିଥିଲା। ପୋଲିସ ବିଭାଗ ତରଫରୁ କଡ଼ା ପାଟ୍ରୋଲିଂ କରାଯାଇଥିଲା। ଚଳିତ ନିର୍ବାଚନରେ ପୌର ଅଧ୍ୟକ୍ଷ ପଦବୀ ପାଇଁ ୭ ଜଣ ଓ ୨୧ କାଉନସିଲର ପଦବୀ ନିମନ୍ତେ ୬୯ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ଆଗାମୀ ୨୬ ତାରିଖରେ ଭୋଟ ଗଣତି କରାଯିବ। ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ ହାଣ୍ଡିଧୁଆ ପ୍ରାଥମିକ ବିଦ୍ୟାଳୟଠାରେ ନିଜ ମତଦାନ ସାବ୍ୟସ୍ତ କରିଥିଲେ। ସେହିପରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସ୍ତ୍ରୀ ମୃଦୁଳା ଟି. ପ୍ରଧାନ ୧୮ ନମ୍ବର ୱାର୍ଡ ଅନ୍ତର୍ଗତ ଦେଉଳବେଢ଼ା ତେଲିସାହି ପ୍ରାଥମିକ ବିଦ୍ୟାଳୟ ବୁଥ୍‌ରେ ଭୋଟ ଦେଇଥିଲେ।

# ଗ୍ରାମ ଫାଟକ ଉଦ୍‌ଘାଟିତ

ପବିତ୍ରନଗର,୨୪।୩(ଡି.ଏନ.ଏ.)

କଣିହାଁ ବ୍ଲକ ପରାବିଲ ପଞ୍ଚାୟତର ଗହମ ଗ୍ରାମରେ ବିଧାୟକଙ୍କ ଆଞ୍ଚଳିକ ଉନ୍ନୟନ ପାଣ୍ଠିରୁ ନିର୍ମିତ ଫାଟକ ଉଦ୍‌ଘାଟିତ ହୋଇଯାଇଛି। ବୁଧବାର ପଞ୍ଚଦୋଳକୁ ନେଇ ଗହମ ଗ୍ରାମର ବାର୍ଷିକ ଯାତ୍ରା ଉତ୍ସବ ଅବସରରେ ପାଲଲହଡା ବିଧାୟକ ମୁକେଶ କୁମାର ପାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ଜିଲା ପରିଷଦ ସଦସ୍ୟା ରଶ୍ମିତା ବେହେରା, ପରାବିଲ ସରପଞ୍ଚ କବିତା ପ୍ରଧାନ, ସମିତି ସଭ୍ୟା ଲିପି ନାଏକ ପ୍ରମୁଖ ଯୋଗ ଦେଇଥିଲେ। ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ ମଧ୍ୟ ଏହି ଉତ୍ସବରେ ଉପସ୍ଥିତ ଥିଲେ। ଗ୍ରାମ କମିଟି ପକ୍ଷରୁ ଦୁଇ ବିଧାୟକଙ୍କୁ ଦୋଳ ମଣ୍ଡପ ନିକଟକୁ ପାଛୋଟି ନିଆଯାଇ ସମସ୍ୟା ସମ୍ପର୍କରେ ଅବଗତ କରାଯାଇଥିଲା। ବ୍ଲକ ବିଜେଡି ସଭାପତି କୈଳାସ ଚନ୍ଦ୍ର ସାହୁ, ପଞ୍ଚାୟତ ସଭାପତି ପର୍ଶୁରାମ ବିଶ୍ୱାଳ, ଗହମ ଗ୍ରାମ ସଭାପତି ପ୍ରଦୀପ ବିଶ୍ୱାଳ, ବ୍ଲକ ଉପାଧ୍ୟକ୍ଷ ଜୟନ୍ତୀ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।



ଗ୍ରାମ ଫାଟକକୁ ବିଧାୟକ ଉଦ୍‌ଘାଟନ କରୁଛନ୍ତି।

# ଆଠମଲ୍ଲିକରେ ୮୦.୫୫ ପ୍ରତିଶତ



ଆଠମଲ୍ଲିକ ସହରର ଏକ ବୁଥ୍‌ରେ ଭୋଟ ଦେବାକୁ ଭିଡ଼।

ବଇଣ୍ଡା/ମାଧପୁର, ୨୪।୩ (ଡି.ଏନ.ଏ.): ଆଠମଲ୍ଲିକ ଏନ୍‌ଏସି ନିର୍ବାଚନ ଗୁରୁବାର ଶେଷ ହୋଇଛି। ସକାଳ ୮ଟାରୁ ଭୋଟ ଗ୍ରହଣ ଆରମ୍ଭ ହୋଇ ଅପରାହ୍ନ ୫ଟା ଯାଏ ଚାଲିଥିଲା। ୧୧ଟି ୱାର୍ଡରେ ଥିବା ୯୭୮୧ ଭୋଟରଙ୍କ ପାଇଁ ୧୨ଟି ବୁଥ୍ କରାଯାଇଥିବା ବେଳେ ମୋଟ୍ ୮୦.୫୫ ପ୍ରତିଶତ ଅର୍ଥାତ୍ ୭୮୭୯ ଜଣ ମତଦାନ କରିଥିବା ନିର୍ବାଚନ ଅଧିକାରୀ ସୋଫି ସାଇନିକା ସୂଚନା ଦେଇଛନ୍ତି।

ଆଠମଲ୍ଲିକ ଏନ୍‌ଏସି ଅଧ୍ୟକ୍ଷା ଓ ୧୧ କାଉନସିଲର ପଦବୀ ପାଇଁ ଭୋଟ ହୋଇଥିବା ବେଳେ ଭୋଟରଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଥିଲା। ଖରା ଟାଣ ଧରିବା ପୂର୍ବରୁ କିପରି ମତଦାନ କରିବେ ସେଥିପାଇଁ ସକାଳୁ ହିଁ ବୁଥ୍‌ଗୁଡ଼ିକରେ ଭିଡ଼ ଲାଗିଥିଲା। ବହୁ ବୁଥ୍ ସମ୍ମୁଖରେ ପ୍ରଶାସନ ପକ୍ଷରୁ ଟେଣ୍ଟ ଓ ପାନୀୟ ଜଳବ୍ୟବସ୍ଥା କରାଯାଇ ନ ଥିବାରୁ ଭୋଟରମାନେ ଖରାରେ ଠିଆ ହୋଇଥିଲେ। ଫଳରେ ସେମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। କେତୋଟି ବୁଥ୍‌ରେ ମୃତ ବ୍ୟକ୍ତିଙ୍କ ନାମରେ ଭୋଟ ଦିଆଯାଇଥିବା ଜଣାପଡ଼ିଛି। ରାମେଶ୍ୱରପାଟଣା ବୁଥ୍‌ରେ ସନ୍ଧ୍ୟା ପର୍ଯ୍ୟନ୍ତ ଭୋଟ ଜାରି ରହିଥିଲା। ୧୧ନଂ. ବାଳିକା ଉଚ୍ଚ ବିଦ୍ୟାଳୟରେ ପିଙ୍କ୍ ବୁଥ ଓ ଆଠମଲ୍ଲିକ ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟ ବୁଥ ନଂ ୦୬କୁ ଆଦର୍ଶ ବୁଥ୍ କରାଯାଇଥିଲା। ଯୁବ ଭୋଟରମାନେ ଆଦର୍ଶ ବୁଥ୍‌ରେ ଭୋଟ ଦେବା ପରେ ସେଲ୍‌ଫି ଉଠାଉଥିବା ଦେଖାଯାଇଥିଲ। ମାଜିଷ୍ଟ୍ରେଟ୍ ଦାୟିତ୍ୱରେ ଥିବା ସହକାରୀ ଜିଲାପାଳ କୁଳମଣି ଦଳେଇ ଓ କିଶୋରନଗର ତହସିଲଦାର ଶାନ୍ତି ସ୍ୱରୂପ ମିଶ୍ର ସମସ୍ତ ବୁଥ୍ ଯାଞ୍ଚ କରିଥିଲେ। ୧୨ ଜଣ ପୋଲିସ ଅଫିସରଙ୍କ ସହ ଆଠମଲ୍ଲିକ ଏସ୍‌ଡିପିଓ ଚିନ୍ତାମଣି ପ୍ରଧାନ, ଆଠମଲ୍ଲିକ ଥାନା ଆଇଆଇସି ଏନ.କେ. ଦାସ ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲେ।

### ଟଙ୍କା ବାଣ୍ଟିବା ନେଇ ଅଭିଯୋଗ

ମାଧପୁର,୨୪।୩

ଆଠମଲ୍ଲିକ ଏନ୍‌ଏସି ପାଇଁ ଭୋଟ ଗ୍ରହଣ ବେଳେ ଜଣେ ଖବରଦାତା ଟଙ୍କା ବାଣ୍ଟିଥିବା ଭାଜପା ପକ୍ଷରୁ ଅଭିଯୋଗ କରାଯାଇଛି। ଭାଜପା କର୍ମୀମାନେ ଏ ନେଇ ପୋଲିସକୁ ଫୋନ କରିବା ପରେ ପୋଲିସ ଖବରଦାତାଙ୍କୁ ଅଟକ ରଖି ଯାଞ୍ଚ କରିଥିଲା। ଏହି ଘଟଣା ସମ୍ପର୍କରେ ଜିଲା ଭାଜପା ଆଇନ ସେଲ୍ ସହ ସଂଯୋଜକ ଭବାନୀ ପ୍ରସାଦ ଜ୍ୟୋତିଷରାୟ ନିର୍ବାଚନ କମିଶନଙ୍କୁ ଅଭିଯୋଗ କରିଥିବା କହିଛନ୍ତି। ଏସ୍‌ଡିପିଓ ଚିନ୍ତାମଣି ପ୍ରଧାନ କହିଛନ୍ତି, ସତ୍ୟାସତ୍ୟ ସମ୍ବନ୍ଧରେ ତଦନ୍ତ ଜାରି ରହିଛି। ଆଇଆଇସି ଏନ୍.କେ. ଦାସ କହିଛନ୍ତି, ଜଣେ ବ୍ୟବସାୟୀଙ୍କ ନିକଟରୁ ଆଣିଥିବା ଧାର ଟଙ୍କା ଖବରଦାତା ଫେରାଉଥିଲେ। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ବ୍ୟବସାୟୀଙ୍କ ବୟାନ ରେକର୍ଡ କରାଯାଇଛି। ଟଙ୍କା ବଣ୍ଟାଯିବା ଅଭିଯୋଗ ମିଥ୍ୟା।

# ନାଇଟ୍ କ୍ରିକେଟ୍, ଜରପଡ଼ା ଚାମ୍ପିୟନ

ବଇଣ୍ଡା,୨୪।୩(ଡି.ଏନ.ଏ.)

କିଶୋରନଗର ବ୍ଲକ ବଇଣ୍ଡା ଆଶ୍ରମ ଖେଳ ପଡିଆଠାରେ ଚାଲିଥିବା ନାଇଟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ହଣ୍ଡପା କ୍ରିକେଟ କ୍ଲବକୁ ହରାଇ ଜରପଡା କ୍ରିକେଟ କ୍ଲବ ଚାମ୍ପିୟନ ହୋଇଛି। ପ୍ରଥମେ ହଣ୍ଡପା ବ୍ୟାଟିଂ କରି ୧୧୧ ରନ ସଂଗ୍ରହ କରିଥିଲା। ଜବାବରେ ଜରପଡା ୧୧୨ ରନ କରି ଚାମ୍ପିୟନ ହୋଇଥିଲା। ବିଜୟୀ ଦଳର ଟିକୁ ମ୍ୟାନ ଅଫଦି ମ୍ୟାଚ ଓ ଦିପୁ ମ୍ୟାନ ଅଫ ଦି ସିରିଜ ହୋଇଥିଲେ। ଉଦ୍‌ଯାପନୀ ମ୍ୟାଚରେ ମୁଖ୍ୟଅତିଥି ଭାବେ ଗୁଲଜାର ଖାଁ ଯୋଗଦେଇ ଉଭୟ ଦଳକୁ ପୁରସ୍କାର ବଣ୍ଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ବିଲେଇନାଳି ହାଇସ୍କୁଲର ପ୍ରଧାନ ଶିକ୍ଷକ ଉପେନ୍ଦ୍ର ପ୍ରଧାନ, ଶିକ୍ଷକ କ୍ଷୀତିଶ ରଞ୍ଜନ ଦେହୁରୀ ଯୋଗ ଦେଇଥିଲେ। ସୌରଭ ମିଶ୍ର, ବିଷ୍ଣୁ ଶଙ୍ଖାରୀ, ସରୋଜ ସାହୁ ପରିଚାଳନା କରିଥିଲେ।



ଅତିଥିମାନେ ଚାମ୍ପିୟନ ଦଳକୁ ପୁରସ୍କୃତ କରୁଛନ୍ତି।

### ଜଙ୍ଗଲରେ ଛଡ଼ାଗଲା ଉଦ୍ଧାର ଅଜଗର



କଣିହାଁ,୨୪।୩(ଡି.ଏନ.ଏ.)

କଣିହାଁ ବନାଞ୍ଚଳ ତରଫରୁ ଗୁରୁବାର ଏକ ଅଜଗର ସାପକୁ ଉଦ୍ଧାର କରି ଜଙ୍ଗଲରେ ଛାଡ଼ି ଦିଆଯାଇଛି। ବନାଞ୍ଚଳ ଅଧିକାରୀ ନୀଳମଣି ଦେହୁରୀ କହିଛନ୍ତି, ଡେରଙ୍ଗ ପଞ୍ଚାୟତ ମୋହିନୀପାଳ ଗ୍ରାମର ସୁରେନ୍ଦ୍ର ପ୍ରଧାନଙ୍କ ଏକ ଛେଳିକୁ ଉକ୍ତ ଅଜଗର ଗିଳିବାକୁ ଉଦ୍ୟମ କରୁଥିବାବେଳେ ଛେଳି ଚରାଳିମାନେ ଦେଖି ବନବିଭାଗ ସୂଚନା ଦେଇଥିଲେ। ବନ କର୍ମଚାରୀ, ସ୍ନେକ ହେଲ୍ପଲାଇନ ସଦସ୍ୟଙ୍କ ସହଯୋଗରେ ଅଜଗରକୁ କାବୁ କରି ପ୍ରାଥମିକ ଚିକିତ୍ସା ପରେ ସଂରକ୍ଷିତ ଜଙ୍ଗଲରେ ଛାଡ଼ି ଦିଆଯାଇଥିଲା।

# ଧର୍ମଘଟ ସଫଳ କରିବାକୁ ଆହ୍ୱାନ

ତାଳଚେର,୨୪।୩(ନି.ପ୍ର.)

କେନ୍ଦ୍ର ଭାଜପା ସରକାରଙ୍କ ଜନ ବିରୋଧୀ ଓ ଶ୍ରମିକ, କୃଷକ ମାରଣ ନୀତି ବିରୋଧରେ ୧୦ଟି ଟ୍ରେଡ୍ ୟୁନିଟ୍ ଏବଂ କର୍ମଚାରୀ ଫେଡେରେଶନ ପକ୍ଷରୁ ଆସନ୍ତା ୨୮ ଓ ୨୯ ତାରିଖରେ ଦେଶବ୍ୟାପୀ ଧର୍ମଘଟ ଡାକରା ଦିଆଯାଇଛି। ଏହାକୁ ଅନୁଗୋଳ ଜିଲାରେ ସଫଳ କରିବା ପାଇଁ ଗୁରୁବାର ତାଳଚେରସ୍ଥିତ ସାଉଥବଲଣ୍ଡା ଆଇଏନ୍‌ଟିୟୁସି କାର୍ଯ୍ୟାଳୟଠାରେ ଜିଲାସ୍ତରୀୟ କନ୍‌ଭେନଶନ ଅନୁଷ୍ଠିତ ହୋଇଯାଇଛି। ଏହି କନ୍‌ଭେନଶନରେ ଶ୍ରମିକ ନେତା ତ୍ରିଲୋଚନ ପ୍ରଧାନ ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇଏନ୍‌ଟିୟୁସି ଜିଲା ସଭାପତି ଦିଗମ୍ବର ଗଡ଼ନାୟକ, ଏଚ୍‌ଏମ୍‌ଏସ୍‌ର ପବିତ୍ର କୁମାର ବିଶ୍ୱାଳ, ସଂସାର ପ୍ରଧାନ, ପ୍ରକାଶ କୁଣ୍ଡୁ, ଆଇଏନ୍‌ଟିୟୁସିର ବୈକୁଣ୍ଠ ସାହୁ, ପି.ଜେ. ରାଏ, ପରେଶ ଜେନା, ନିର୍ମଳ ସାମଲ, ଟିକନ ସାମଲ, ଏଆଇଟିୟୁସି ଜିଲା ସଭାପତି ପ୍ରହ୍ଲାଦ ସାହୁ, ବିଜୟ କୁମାର ପ୍ରଧାନ, ବୃନ୍ଦାବନ ଲେଙ୍କା, ଦୁଃଖିରାମ ମଲ୍ଲିକ, ଜିଲା ସମ୍ପାଦକ ବ୍ରଜବନ୍ଧୁ ସାହୁ, ସଙ୍ଗଠକ ତପନ କୁମାର ମହାନ୍ତି, ସିଆଇଟିୟୁ ଜିଲା ସାଧାରଣ ସମ୍ପାଦକ ଉପେନ୍ଦ୍ର ଶର୍ମା ପ୍ରମୁଖ ବହୁ ଶ୍ରମିକ ନେତା ଯୋଗ ଦେଇଥିଲେ।




କନ୍‌ଭେନଶନରେ ଉପସ୍ଥିତ ଶ୍ରମିକନେତାମାନେ।

# ଯକ୍ଷ୍ମା ନିରାକରଣ ଉପରେ ଆଲୋକପାତ

ଅନୁଗୋଳ ଅଫିସ, ୨୪।୩

ବିଶ୍ୱ ଯକ୍ଷ୍ମା ଦିବସ ଅବସରରେ ଗୁରୁବାର ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଏକ ଯକ୍ଷ୍ମା ରଥ ଉଦ୍‌ଘାଟିତ ହୋଇଯାଇଛି। ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ତ୍ରିଲୋଚନ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ରଥକୁ ଉଦ୍‌ଘାଟନ କରିବା ସହ ଯକ୍ଷ୍ମା ରୋଗର ନିରାକରଣ ଉପରେ ଆଲୋକପାତ କରିଥିଲେ। ୨୦୨୫ ସୁଦ୍ଧା ଦେଶକୁ ଯକ୍ଷ୍ମା ମୁକ୍ତ କରିବାକୁ ସେ ଆହ୍ୱାନ ଦେଇଥିଲେ। ଯକ୍ଷ୍ମା ରୋଗ ନିରାକରଣରେ ସହଯୋଗର ହାତ ବଢାଇଥିବା ମହାନଦୀ କୋଇଲା ଖଣି, ଏନ୍‌ଟିପିସି, ନାଲ୍‌କୋ, ଜେଏସ୍‌ପିଏଲ୍ ଓ ଭଲ କାମ କରିଥିବା ଆଶା କର୍ମୀମାନଙ୍କୁ ପ୍ରଶଂସାପତ୍ର ପ୍ରଦାନ କରିଥିଲେ। ଏହି ସଭାରେ ଏଆର୍‌ଟି ସେଣ୍ଟରର ବରିଷ୍ଠ ଅଧିକାରୀ ଡା.ଶ୍ୱାଶ୍ୱତ ସାଗର ମିଶ୍ର, ଡା. ମାନସ ରଞ୍ଜନ ବିଶ୍ୱାଳ, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ (ଯକ୍ଷ୍ମା) ଡା. ବିଶ୍ୱ ବିହାରୀ ମହାନ୍ତି, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡା.ଦିଲୀପ କୁମାର ପଟ୍ଟନାୟକ, ଜିଲା ମ୍ୟାଲେରିଆ ଅଧିକାରୀ ଡା.ପୂର୍ଣ୍ଣିମା ଉଦ୍‌ଗାତା ଓ ଡିପିଏମ୍ ଦୀପକ ମହାନ୍ତିଙ୍କ ସମେତ ଜିଲା ମୁଖ୍ୟ ଚିକିତ୍ସାଳୟର କର୍ମଚାରୀ, ଜିଲା ନିରାକରଣ କେନ୍ଦ୍ର କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।



ଯକ୍ଷ୍ମା ନିରାକରଣ ରଥକୁ ଉଦ୍‌ଘାଟନ କରାଯାଉଛି।

# ୨୮ ଛାତ୍ରୀଛାତ୍ରଙ୍କୁ ଓପି ଜିନ୍ଦଲ ମେଧାବୃତ୍ତି

ଅନୁଗୋଳ ଅଫିସ, ୨୪।୩

ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର (ଜେଏସ୍‌ପି)ର ସାମାଜିକ ଦାୟିତ୍ୱବୋଧ ଶାଖା ରୂପେ କାର୍ଯ୍ୟ କରୁଥିବା ଜେଏସ୍‌ପିଏଲ୍ ଫାଉଣ୍ଡେଶନ ପକ୍ଷରୁ ଅନୁଗୋଳ ଜିଲାର ୨୮ ଛାତ୍ରୀଛାତ୍ରଙ୍କୁ ଓପି ଜିନ୍ଦଲ ଷ୍ଟାର ଏବଂ ଓପି ଜିନ୍ଦଲ ଜୁଏଲ ଛାତ୍ର ମେଧା ବୃତ୍ତି ପ୍ରଦାନ କରାଯାଇଛି। ଅନୁଗୋଳ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଏହି ମେଧା ବୃତ୍ତି ରାଶି ସହ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ଜେଏସ୍‌ପି ଅନୁଗୋଳ ପ୍ଲାଣ୍ଟ ମୁଖ୍ୟ ହୃଦୟେଶ୍ୱର ଝା, ସହ ଜିଲା ଶିକ୍ଷା ଅଧିକାରୀ ଅଜୟ କୁମାର ପାତ୍ର, ଓପି ଜିନ୍ଦଲ ସ୍କୁଲ ଅଧ୍ୟକ୍ଷ ଅତନୁ କୁମାର ରଥ, ଜିଏମ ସିଏସଆର୍ ପୁଷ୍ପଲତା ଶତପଥୀଙ୍କ ସହ ଅନ୍ୟ ମାନ୍ୟଗଣ୍ୟ ଅତିଥି ଉପସ୍ଥିତ ଥିଲେ। ବୃତ୍ତି ପାଇଥିବା ଛାତ୍ରୀଛାତ୍ର ହେଉଛନ୍ତି ଉଜ୍ଜ୍ୱଳ ତାରକା। ଏହି ବୃତ୍ତି ସେମାନଙ୍କୁ ଶିକ୍ଷାଗତ ଲକ୍ଷ୍ୟ ହାସଲ କରିବାରେ ସାହାଯ୍ୟ କରିବ ବୋଲି ଜିଲାପାଳ କହିଥିଲେ। ପ୍ଲାଣ୍ଟ ମୁଖ୍ୟ ଝା ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।




ଜିଲାପାଳ, ଜେଏସ୍‌ପି ଅଧିକାରୀମାନଙ୍କ ସହ ବୃତ୍ତି ପାଇଥିବା ଛାତ୍ରୀଛାତ୍ରମାନେ।

